ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଜିଲ୍ଲା କୃଷି ପାଣିପାଗ ବିଭାଗ
କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ

ପତ୍ରିକା ସଂଖ୍ୟା-୦୧
ତାରିଖ-୨୨/୦୯/୨୦୨୬

# କଟକ ଜିଲ୍ଲାରେ ସମ୍ଭାବ୍ୟ ଲଘୁଚାପ ଜନିତ ଭାରି ରୁ ଅତିଭାରି ବର୍ଷା ପରିସ୍ଥିତି ପାଇଁ ପ୍ରଭାବ ଜନିତ କୃଷି ପାଣିପାଗ ଉପଦେଶ

**ବିଷୟ- ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ**

ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଥିବା ଲଘୁଚାପ କ୍ଷେତ୍ରଟି ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୧୮ କିଲୋମିଟର ବେଗରେ ପ୍ରାୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିଛି। ଆଜି (୨୨ ସେପ୍ଟେମ୍ବର, ୨୦୨୬) ସକାଳ ୦୮:୩୦ ଘଟିକା ସୁଦ୍ଧା ଏହା ସେହି ସମାନ ଅଞ୍ଚଳରେ, ଅର୍ଥାତ୍ ୧୭.୯° ଉତ୍ତର ଅକ୍ଷାଂଶ ଏବଂ ୮୬.୦° ପୂର୍ବ ଦ୍ରାଘିମା ନିକଟରେ କେନ୍ଦ୍ରୀଭୂତ ହୋଇ ରହିଛି। ଏହି ସ୍ଥାନଟି ଗୋପାଳପୁର (ଓଡ଼ିଶା)ର ଦକ୍ଷିଣ-ପୂର୍ବକୁ ପ୍ରାୟ ୨୦୦ କିମି, କଳିଙ୍ଗପାଟନମ୍ (ଆନ୍ଧ୍ରପ୍ରଦେଶ)ର ପୂର୍ବ-ଦକ୍ଷିଣପୂର୍ବକୁ ୨୦୦ କିମି, ପୁରୀ (ଓଡ଼ିଶା)ର ଦକ୍ଷିଣକୁ ୨୧୦ କିମି ଏବଂ ବିଶାଖାପାଟନମ୍ (ଆନ୍ଧ୍ରପ୍ରଦେଶ)ର ପୂର୍ବକୁ ୨୯୦ କିମି ଦୂରତାରେ ଅବସ୍ଥିତ।

ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ 'ଗଭୀର ଲଘୁଚାପ' (Deep Depression) ରେ ପରିଣତ ହେବାର ପ୍ରବଳ ସମ୍ଭାବନା ରହିଛି। ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି, ୨୩ ସେପ୍ଟେମ୍ବର ରାତିରୁ ୨୪ ସେପ୍ଟେମ୍ବର ଭୋର ମଧ୍ୟରେ ଏହା ବିଶାଖାପାଟନମ୍ ଓ ଗୋପାଳପୁର ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି।

## କଟକ ଜିଲ୍ଲା ପାଇଁ ବର୍ଷା ପୂର୍ବାନୁମାନ

ମଙ୍ଗଳବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକର କିଛିକିଛି ଜାଗାରେ ଭାରି ବର୍ଷା/ଘଡଘଡି ସହ ବର୍ଷା ସହ ୪୦-୫୦ କି.ମି./ଘ । ସହ ୬୦ କି.ମି./ଘ । ଝଟକା ପବନ ସମ୍ଭାବନା । (୩୦-୩୫ ମିମି ବର୍ଷା)

ବୁଧବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକର କିଛିକିଛି ଜାଗାରେ ଭାରି ବର୍ଷା/ଘଡଘଡି ସହ ବର୍ଷା ସହ ୪୦-୫୦ କି.ମି./ଘ । ସହ ୬୦ କି.ମି./ଘ । ଝଟକା ପବନ ସମ୍ଭାବନା । (୩୫-୪୦ ମିମି ବର୍ଷା)

ଗୁରୁବାର - କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ମଧ୍ୟମ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା । (୧୫-୨୦ ମିମି ବର୍ଷା)

ଶୁକ୍ରବାର - କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ କମ୍ ରୁ ମଧ୍ୟମ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା । (୧୧-୧୫ ମିମି ବର୍ଷା)


ଶନିବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ କମ୍ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା । (୦୭-୧୦ ମିମି ବର୍ଷା)

## ଭାରି ରୁ ଅତିଭାରି ବର୍ଷା ପୂର୍ବାନୁମାନ ପ୍ରଭାବ ଜନିତ କୃଷିପାଣିପାଗ ଉପଦେଶ

| ଜିଲ୍ଲା | ଫସଲ / ପନିପରିବା/ ଫଳ | ଅବସ୍ଥା | ଫସଲ / ପନିପରିବା/ ଫଳ ଉପରେ ପ୍ରଭାବ | କୃଷିପାଣିପାଗ ଉପଦେଶ |
|---|---|---|---|---|
| କଟକ | ଖରିଫ ଧାନ | ଅଙ୍ଗୀୟ ରୁ ଗର୍ଭ ଧାରଣ ଅବସ୍ଥା | • ଜଳମଗ୍ନ ପରିସ୍ଥିତି ଯୋଗୁଁ ବିଭିନ୍ନ ରୋଗ ପୋକ ଯଥା<br>• ପତ୍ରଛାଦପୋଡା, ପତ୍ରପୋଡା, କାଣ୍ଡପଚା, ମହିଷା ରୋଗ ଓ କାହାଳୀ/ବଙ୍ଗୀପୋକ, କାଣ୍ଡବିନ୍ଧା ପତ୍ରମୋଡା, ଚକଡା ପୋକ, ଲେଡାପୋକ ।<br>• ଘାସ ବିସ୍ତୃତିରେ ବୃଦ୍ଧି ସମ୍ଭାବନା ।<br>• ଅବାୟବିକ ଶ୍ୱାସକ୍ରିୟା ।<br>• ମାଟିରେ ଜଳ ଓ ସାର ଗ୍ରହଣରେ ଅସୁବିଧା ।<br>• ଚେର ମୂଳରେ ବିଶାକ୍ତ ରସାୟନିକ ପଦାର୍ଥ ଜମାହେବା । | • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ଧାନ ଜମିରେ ଗର୍ଭଧାରଣ ସମୟରେ (ଥୋଡ/କେଣ୍ଡା ଅବସ୍ଥା) ୫-୧୦ ସେ.ମି. ଓ ଅଙ୍ଗୀୟ ଅବସ୍ଥାରେ ୨-୫ ସେ.ମି. ଜଳସ୍ତର ରଖି ବଳକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ଆଗାମୀ ୨-୩ଦିନ ୟୁରିଆ ସାର ପ୍ରୟୋଗ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ୪କି.ଗ୍ରା. ଯବକ୍ଷାରଜାନ ଓ ୩କି.ଗ୍ରା. ପଟାସ୍ ସାର ପ୍ରତି ଏକର ହିସାବରେ, କୀଟନାଷକ ପ୍ରୟୋଗ ଜାରି ରଖନ୍ତୁ ।<br>• ଯଦି ବର୍ତମାନ ମହିଷା ରୋଗ ଲାଗେ ତେବେ ଏହାର ନିରାକରଣ ପାଇଁ ଟେବୁକୋନାଜୋଲ |

| | | | | |
|---|---|---|---|---|
| | | | | ୫୦% + ଟ୍ରାଇଫ୍ଲୋଅକ୍ସିଷ୍ଟ୍ରବିନ ୨୫% ଡବ୍ଲୁଜି @ ୦.୪ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ୭-୧୦ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ ।<br>• ଯଦି ବର୍ତମାନ ଧାନ ଗଛରେ **ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ପ୍ଲା ।ମାଇସିନ ୧ଗ୍ରାମ କୁ ପ୍ରତି ଲି. ପାଣିରେ ଓ କପରଅକ୍ସିକ୍ଲୋରାଇଡ ୧ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ଧାନଗଛରେ **ପତ୍ରଛାଦପୋଡା** ରୋଗ ଲାଗେ ତେବେ ଅଧିକ ୟୁରିଆ ସାର ପ୍ରୟୋଗ କରନ୍ତୁ ନାହିଁ । ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ ୨ଗ୍ରା. ପ୍ରତି ଲି. କିମ୍ବା ପ୍ରପିକୋନାଜୋଲ ୧ମି.ଲି. ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ବର୍ତମାନ ଯଦି ଧାନରେ **କଣ୍ଡାସଢା ରୋଗ** ଦେଖାଯାଏ ତେବେ ଅଧିକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ପ୍ରତିକାର ପାଇଁ ଗଛରେ କାର୍ବେଣ୍ଡାଜିମ୍ ୫୦ WP ୧ଗ୍ରା. କିମ୍ବା ଇଡିଫେନଫସ୍ ୫୦ଇ.ସି. @ ୧ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସଞ୍ଚନ କରନ୍ତୁ ।<br>• ଯଦି ଧାନ ଗଛରେ **ବଙ୍ଗୀୟ ପୋକ** ଦେଖାଯାଏ ତେବେ ଥାୟୋମିଥୋକ୍ସାନ୍ ୨୫% WG @ ୪୦ଗ୍ରାମ ପ୍ରତି ଏକର କିମ୍ବା ଫିପ୍ରୋନିଲ୍ ୫% SC @ ୪୦୦ମି.ଲି. ପ୍ରତି ଏକର କୁ ୨୦୦ଲି. ପଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ଧାନଗଛରେ **ଶୁଷ୍କ ପାଗ ପରେ ଭାରି ବର୍ଷା ଯୋଗୁଁ ଲେଡାପୋକ** ଲାଗେ ତେବେ ବର୍ଷା ପରେ କ୍ଲୋରୋପାଇରିଫସ୍ ୫% ଏସ୍.ସି କୁ ୨ମି.ଲି. ପ୍ରତି ଲି. ପାଣିରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ ।<br>• ମେଘୁଆ ପାଗ ଯୋଗୁ ଆଗରୁ ଲଗାଯାଇଥିବା ଧାନ ଜମିରେ **ପତ୍ରମୋଡା ପୋକ** ସମ୍ଭାବନା ଅଛି ଏହାପାଇଁ ଫିପ୍ରୋନିଲ ୫%SC କୁ ପ୍ରତି ଲି. ପାଣିରେ ୨ମି.ଲି. ହିସାବରେ କିମ୍ବା କ୍ଲୋରାନଟ୍ରାନିପୋଲ ୧୮.୫%SC କୁ ପ୍ରତି ୧୦ଲି. ପାଣିରେ ୩ମି.ଲି. ହିସାବରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ ।<br>• ବର୍ତମାନର ସାପ୍ତାହିକ ୩୦-୩୫ ଡିଗ୍ରୀ ସି. ଦିନ ଓ ୨୨-୨୫ ଡିଗ୍ରୀ ସି. ରାତି ତାପମାତ୍ରା ଓ ବାୟୁମଣ୍ଡଳ ର ଅଧିକା ଆଦ୍ରତା ଯାହା ଧାନ ଗଛରେ ବର୍ତମାନ **କାଣ୍ଡବିନ୍ଧା** ପୋକର ସମସ୍ୟା ଦେଖାଯାଏ ତେବେ ଏକର ପ୍ରତି କ୍ଲୋରା_।ନିଲିପ୍ରୋଲ ୧୮.୫% ଏସସି ୬୦ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି ୧୦ କି.ଗ୍ରା କୁ ୨୦୦ଲି. ପାଣିରେ ମିଶାଇ ଶୁଷ୍କ ପାଗ ଦେଖି ପ୍ରୟୋଗ କରନ୍ତୁ ।<br>• ବର୍ତମାନର ମେଘୁଆ ପାଗ ଓ ରାତିର କମ୍ ତାପମାତ୍ରା (୨୧-୨୩ ଡିଗ୍ରୀ.ସି.) |

| | | | | |
|---|---|---|---|---|
| | | | | **ଚକଡା/ମାଟିଆଗୁଣ୍ଡି ପୋକ** ପାଇଁ ଅନୁକୂଳ ପରିବେଶ ଯଦି ଏହା ଲାଗେ ତେବେ ଜମିର ସୁଖ୍ମ ପରିବେଶ କୁ ପରିବର୍ତ୍ତନ କରି ଓଦା ଓ ଶୁଷ୍କ ଅଦଳ ବଦଳ ଭାବେ ରଖନ୍ତୁ । ଏହାର ନିରାକରଣ ପାଇଁ ପାଇମେଟ୍ରଜିନ୍ ୫୦% WG @ ୪୦ଗ୍ରାମ କିମ୍ବା ବ୍ୟୁପ୍ରଫେଜିନ୍ @ ୩୩୦ମି.ଲି. କିମ୍ବା ଇମିଡାକ୍ଲୋପିଡ୍ ୧୭.୮% ଏସ.ଏଲ. @ ୫୦ମି.ଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଅଧିକା ବର୍ଷା ଯୋଗୁଁ ଜମିରେ **ଘାସ ସମସ୍ୟା** ସୃଷ୍ଟି ହୋଇପାରେ ତେଣୁ ଘାସ ନିୟନ୍ତ୍ରଣ ପାଇଁ ବିସ୍ ପାଇରିବିକସୋଡିୟମ୍ ୧୦% ଏସ୍‌ସି କୁ ୧୨୦ମି.ଲି. ପ୍ରତି ଏକର ହିସାବରେ ୨୦୦ଲି. ପାଣିରେ ମିଶାଇ ଘାସ ଉଠିବାର ୮-୧୦ ଦିନ ପରେ ସିଞ୍ଚନ କରନ୍ତୁ । |
| | ଆଖୁ | ଅଙ୍ଗୀୟ ରୁ ପିଲ ଅବସ୍ଥା | • ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ<br><br>• ନାଳି ସଢା ଓ ଝାଉଁଳା ରୋଗ<br>  | • ଜମିରୁ ଅଧିକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ବର୍ଷା ପାଗ ପରେ କୋଡାଖୋସା ଓ ଘାସ ବାଛି କରି ଆବଶ୍ୟକ ସାର (୩୦କି.ଗ୍ରା. ୟୁରିଆ ପ୍ରତି ଏକର) ଫସଲ ୩୦-୬୦ ଦିନ ପରେ ପ୍ରୟୋଗ କରନ୍ତୁ ।<br>• ଯଦି **ନାଲିସଢା ଓ ଝାଉଁଳା ରୋଗ** ଦେଖାଯାଏ ତେବେ ମାନକୋଜେବ୍ ୬୪% ଡବ୍ଲୁପି+ ମେଟାଲାକ୍ସିଲ୍ ୮% @ ୪୦୦ଗ୍ରା. କୁ ୨୦୦ଲି. ପାଣିରେ ମିଶାଇ ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ । |
| | ମକା | ୬୦-୭୦ ଦିନ ଅବସ୍ଥା/ଅମଳ ଅବସ୍ଥା | • ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ<br><br>• **ପତ୍ରପୋଡା, କାଣ୍ଡ ପଚା ଓ ଫଲଆର୍ମୀ ୱାର୍ମ କୀଟ**<br>• **ଫସଲର ଉଚ୍ଚତା ତଥା ବୃଦ୍ଧିରେ କମି ଓ ଅମଳ ହ୍ରାସ ।** | • **ମକାର ଅଙ୍ଗୀୟ ଅବସ୍ଥାରେ ଜଳମଗ୍ନ ପରିସ୍ଥିତି ସମ୍ବେଦନଶୀଳ ହୋଇଥାଏ ତେଣୁ ଅଧିକା ଜଳକୁ ନିଷ୍କାସନ ବ୍ୟବାସ୍ଥା କରନ୍ତୁ ଓ ଆଗାମୀ ୩ଦିନ ପରେ ଘାସ ବାଛି ଆବଶ୍ୟକ ସାର ପ୍ରୟୋଗ କରନ୍ତୁ ।**<br>• **ଯବକ୍ଷାରଯାନ ସାର ପ୍ରୟୋଗ କମାନ୍ତୁ ଏବଂ ପଟାସ ଓ ଫସଫରସ ସାରର ପ୍ରୟୋଗ ବଢାନ୍ତୁ ।**<br>• **ଶୁଷ୍କ ପାଗ ପରେ ଭାରି ବର୍ଷା ଯୋଗୁଁ** ମକା ଫସଲରେ **ଫଲଆର୍ମୀ ୱାର୍ମ** ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ଗ୍ରା. ଏମୋମେକ୍ଟିନ ବେଞ୍ଜୋଏଟ ୫%ଏସ୍.ଜି କିମ୍ବା ୮୦ମି.ଲି. କ୍ଲୋରାନ-ଟ୍ରାନିଲୋପ୍ରଲୋ ୧୮.୫%ଏସ.ସି. ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଅଧିକା ବର୍ଷା ଓ ମେଘୁଆ ପାଗ ଯୋଗୁଁ **କାଣ୍ଡପଚା ରୋଗ** ଲାଗିବାର ସମ୍ଭାବନା ଥାଏ । ଏହା ଦେଖାଗଲେ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁପି ୩ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ମକାରେ ବର୍ଷା ପାଗ ଯୋଗୁ **ପଟି ସଦୃଶ୍ୟ ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ଭାଲିଡାମାଇସିନ ୩.୦% |

| | | | | |
|---|---|---|---|---|
| | | | | ଏସଏଲ କିମ୍ବା ହେକ୍ସାକୋନାଜୋଲ ୫.୦% ଇସି ୪୦୦ ମିଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | ନଳିତା | ଅଙ୍ଗୀୟ ଅବସ୍ଥା | • ଜମିରେ ଜଳମଗ୍ନ ପରିସ୍ଥିତି ଯୋଗୁଁ ଘାସ ସମସ୍ୟା ।<br>• **କାଣ୍ଡପଚା ରୋଗ, ଲୋମଶ ସମ୍ପାଳୁଆ, ଧୂସର ୱିଭିଲ, ହଳଦିଆ ଅଷ୍ଟପଦୀ** | • ଜମିରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।<br>• ଜମିରେ ମାଟିର ବତରକୁ ଆବଶ୍ୟକ ପରିମାଣରେ ନିୟନ୍ତ୍ରଣ କରନ୍ତୁ ।<br>• ବର୍ଷା ଯୋଗୁଁ ନଳିତା ଫସଲରେ ଅନାବନା ଘାସ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ୟୁଜାଲୋଫପ୍ ଇଥାଇଲ୍ ୨ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ୨-୩ ପତ୍ର ବିଶିଷ୍ଟ ଘାସ ଅବସ୍ଥାରେ ସିଞ୍ଚନ କରନ୍ତୁ ।<br>• ଯଦି ବର୍ତମାନ **କାଣ୍ଡପଚା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ କପରଅକ୍ସିକ୍ଲୋରାଇଡ୍ ୩-୪ଗ୍ରାମ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ବର୍ଷା ପରେ ସାମାନ୍ୟ ତାପମାତ୍ରା ବୃଦ୍ଧି ଓ ଆଦ୍ରତା ଯୋଗୁଁ ବିଭିନ୍ନ ପ୍ରକାର ପୋକ ଲାଗିଥାଏ । **ଲୋମଶ ସମ୍ପାଳୁଆ** ଲାଗିଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୧-୧.୫ମି.ଲି. ଲମ୍ବଡା ସାଇହାଲୋଥ୍ରୀନ ୫ଇସି କିମ୍ବା ଇଣ୍ଡୋକ୍ସାକାର୍ବ ୧ମି.ଲି. କୁ ମିଶାଇ ସିଞ୍ଚନ କରନ୍ତୁ ।<br>• **ଧୂସର ୱିଭିଲ୍** ଲାଗିଲେ ଏହାର ନିରାକରଣ ପାଇଁ କ୍ଲୋରୋପାଇରିଫସ୍ ୫୦ଇସି + ସାଇପରମେଥ୍ରିନ୍ ୫ଇସି ୧-୧.୫ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• **ହଳଦିଆ ଅଷ୍ଟପଦୀ** ଲାଗିଲେ ଏହାର ନିରାକରଣ ପାଇଁ ଫେନପାଇରୋକ୍ସିମେଟ୍ ୧-୧.୫ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ୧୪ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ । |
| | **ଖରିଫ୍ ବାଦାମ** | ଫୁଲ ରୁ ଓହଳ ଧରିବା ଅବସ୍ଥା / ଅମଳ ଅବସ୍ଥା | • ଜଳମଗ୍ନ ପରିସ୍ଥିତି ଯୋଗୁଁ ଛୁଇଁ ନଷ୍ଟ ହେବା ।<br>• ରୋଗ ପୋକ ଯଥା- ପତ୍ରଚିତା, ମୂଳପଚା, ପତ୍ରସୁଡଙ୍ଗକାରୀ ପୋକ ।<br> | • ଅମଳ ଅବସ୍ଥାରେ ଜଳମଗ୍ନ ପରିସ୍ଥିତି ଫସଲର ଅମଳ ହାରକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିବା ହେତୁ ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ବ୍ୟବସ୍ଥା କରନ୍ତୁ । ଯଦି ଫସଲ ଅମଳ ଅବସ୍ଥାରେ ଅଛି ତେବେ ଯଥାଶୀଘ୍ର ଅମଳ କରି ଦିଅନ୍ତୁ ।<br>• ଯଦି ବର୍ଷା ପରେ ଚିନାବାଦମର **ମୂଳସଢା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ହେକ୍ସାକୋନାଜୋଲ ୫% ୧.୫ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି **ଅଲ୍ଟରନାରିଆ ପତ୍ରଚିତା ରୋଗ** ଲାଗେ ତେବେ ନିରାକରଣ ପାଇଁ ମେଟାଲାକ୍ସିଲ + ମାଙ୍କୋଜେବ ୨ଗ୍ରାମ କୁ ପ୍ରତି ଲି. ପାଣିରେ |

ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଜିଲ୍ଲା କୃଷି ପାଣିପାଗ ବିଭାଗ
କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ
ପତ୍ରିକା ସଂଖ୍ୟା-୦୧
ତାରିଖ-୨୨/୦୯/୨୦୨୬

| | | | | |
|---|---|---|---|---|
| | | |   | ମିଶାଇ ସିଞ୍ଚନ କରନ୍ତୁ ।<br>• ବର୍ତ୍ତମାନ ଚିନାବାଦାମରେ **ପତ୍ରସୁଡଙ୍ଗୀ ପୋକ** ଲାଗିଲେ ପ୍ରାଥମିକ ଅବସ୍ଥାରେ ନିମ ଜାତୀୟ କୀଟନାଷକ (ଆଜାଡିରାକ୍ଟିନ) ୩୦୦ ପିପିଏମ @ ୧ ଲି./ଏକର ଏବଂ ପରେ ରାସାୟନିକ ଉପାୟରେ ପ୍ରୋଫେନୋଫସ୍ ୫୦% ଇସି @ ୪୦୦ ମି.ଲି./ଏକର କିମ୍ବା କ୍ଲୋରୋପାଇରିଫସ୍ ୫୦%+ସାଇପରମେଥ୍ରିନ ୫% ଇସି @ ୪୦୦ ମି.ଲି./ଏକର କୁ ୨୦୦ଲି. ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |
| | **କାକୁଡି ଜାତୀୟ ପନିପରିବା (କାକୁଡି, କଖାରୁ, ଜହ୍ନୀ, ପୋଟଳ, ତରଭୁଜ)** | ଫୁଲ ରୁ ଫଳ ଅବସ୍ଥା / ଅମଳ ଅବସ୍ଥା | • ଫୁଲ ଝଡିବା<br>• କାଣ୍ଡ ବା ଫଳ ପଚିବା<br>• ଜଳମଗ୍ନ ପରିସ୍ଥିତି<br>• ବିଭିନ୍ନ କବକ ଜନିତ ରୋଗ ଓ ଅନ୍ୟାନ୍ୟ କୀଟ ସଂକ୍ରମଣ<br>   | • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ୨% ଡିଏପି + ୧ % ଏମଓପି କୁ ପତ୍ର ସିଞ୍ଚନ କରନ୍ତୁ ।<br>• ଫୁଲ କିମ୍ବା ଫଳ ଝଡିବାରୁ ରକ୍ଷା ପାଇଁ ୪୦ପିପିଏମ୍ ନାଫଥାଲିକ୍ ଏସିଟିକ୍ ଏସିଡ୍ କୁ ସ୍ପ୍ରେ କରନ୍ତୁ ।<br>• ବର୍ଷା ବନ୍ଦ ହେବା ପରେ କାକୁଡି ଜାତୀୟ ଫସଲରେ **ନିମ୍ନମୁଖୀ ପତ୍ରପୋଡା ଓ ଫାଇଟ୍ଫ୍ଥୋରା ପୋଡା ରୋଗ** ଦେଖାଯିବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ମେଟାଲାକ୍ସିଲ+ମାନକୋଜେବ @ ୨ଗ୍ରାମ/ଲିଟର କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍+ଟେବୁକୋନାଜୋଲ @ ୦.୬ଗ୍ରାମ/ଲିଟର ପାଣିରେ ମିଶାଇ ୧୦ଦିନ ବ୍ୟବଧାନରେ ଅଦଳ ବଦଳ କରି ସିଞ୍ଚନ କରନ୍ତୁ । |
| | ଅଦିନିଆ ପନିପରିବା **(ଫୁଲକୋବି, ବନ୍ଧାକୋବି)** | ବୁଣା ରୁ ଚାରା ଅବସ୍ଥା / ଅମଳ ଅବସ୍ଥା | • ବିହନ ସ୍ଥାନାନ୍ତିକରଣ<br>• ଜମିରେ ଜଳମଗ୍ନ ପରିସ୍ଥିତି ଯୋଗୁଁ ବିହନ ଗଜା ହେବାରେ ହ୍ରାସ ଓ ଚାରା ନଷ୍ଟ ।<br>• ତଳିପଚା ଓ ତଳିଘରା କଟା ରୋଗ ।<br> | • ଯଦି ଫସଲ ଅମଳ ଅବସ୍ଥାରେ ଅଛି ତେବେ ଯଥାଶୀଘ୍ର ଅମଳ କରି ଦିଅନ୍ତୁ ।<br>• ବୁଣାବୁଣି ଆଗାମୀ ୫ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ ।<br>• ତଳିଘରାରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ ।<br>• ତଳି କୁ ପଲିଥିନ୍ ଦ୍ୱାରା ଆଚ୍ଛାଦନ କରନ୍ତୁ ।<br>• ଆଗକୁ ଥିବା ବର୍ଷା ପରେ ଯଦି ଚାରା ଅବସ୍ଥାରେ ଥିବା କୋବି ଜାତୀୟ ଫସଲକୁ **ତଳିପଚା କିମ୍ବା ତଳିଘରକଟା ରୋଗରୁ** ରକ୍ଷା ପାଇଁ ଏକର ପ୍ରତି ମେଟାଲାକ୍ସିଲ + ମାଙ୍କୋଜେବ ୬୪% ଡବ୍ଲୁପି ୪୦୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | | | |
|---|---|---|---|---|
| | | | | |
| | ପନିପରିବା (**ବାଇଗଣ, ଟୋମାଟ, ଲଙ୍କା**) | ବୁଣା ରୁ ଅମଳ ଅବସ୍ଥା | • ଗଛ ଝାଉଁଳି ପଡିବା  • ଫଳପଚା ରୋଗ  | • ଜମିରୁ ଅଧିକା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।<br>• ଚଲି କୁ ପଲିଥିନ୍ ଦ୍ୱାରା ଆଚ୍ଛାଦନ କରନ୍ତୁ ।<br>• ବର୍ଷା ପରେ ଯଦି ବାଇଗଣ, ଲଙ୍କା ଓ ଟୋମାଟ ଆଦି ଫସଲରେ **ଝାଉଁଳା ରୋଗ** ସମସ୍ୟା ବୃଦ୍ଧି ପାଇବ । ଏକର ପ୍ରତି ୨୦୦ ମି.ଲି. ଟେବୁକୋନାଜୋଲ ସହିତ ୨୦ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ପ୍ରୟୋଗ କରନ୍ତୁ ।<br>• ପନିପରିବା ତଳିଘରାରେ ବର୍ଷା ପରେ **ତଳିଘରାକଟା ରୋଗ** ଲାଗିବାର ସମ୍ଭାବନା ଥାଏ ଏହାର ପ୍ରତିକାର ପାଇଁ ତଳିଘରାରୁ ଅଧିକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମେଟାଲାକ୍ସିଲ @ ୨ମି.ଲି. ପ୍ରତି ଲି. କୁ ମାଟିରେ ସିଞ୍ଚନ କରନ୍ତୁ ।<br>• ଆଗାମୀ ବର୍ଷା ହେତୁ ଲଙ୍କା ଏବଂ ବାଇଗଣରେ **ଫଳପଚା ରୋଗ** ହେବାର ସମ୍ଭାବନା ଥାଏ, ତେଣୁ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି @ ୨ଗ୍ରାମ/ଲିଟର ପାଣି କିମ୍ବା କପରଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି @ ୩ଗ୍ରାମ/ଲିଟର ପାଣିରେ ସ୍ପ୍ରେ କରନ୍ତୁ । |
| | ପନିପରିବା (**ଝୁଡଙ୍ଗ**) | ଅମଳ ଅବସ୍ଥା | • ଗଛ ପଡିଯିବା<br>• ଛୁଇଁ ବା ଫଳ ନଷ୍ଟ ହୋଇଯିବା | • ଅମଳ ଉପଯୋଗୀ ପନିପରିବା/ ଛୁଇଁ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ ।<br>• ପନିପରିବା ଗଛକୁ ବାଉଁଶ କିମ୍ବା ତାର ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ । |
| | ପନିପରିବା (**ଭେଣ୍ଡି**) | ଫଳ ରୁ ଅମଳ ଅବସ୍ଥା | • ଫଳ ନଷ୍ଟ ହେବା<br>• ବିଭିନ୍ନ କବକ ଜନିତ ରୋଗ  | • ଜମିରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।<br>• ଅମଳ ଉପଯୋଗୀ ପନିପରିବା/ ଛୁଇଁ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ ।<br>• ଆଗାମୀ ବର୍ଷା ହେତୁ ମାଟିରେ **କବକ ଜନିତ ରୋଗ** ହେବାର ସମ୍ଭାବନା ଥାଏ ତେଣୁ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି @ ୨ଗ୍ରାମ/ଲିଟର ପାଣି କିମ୍ବା କପରଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି @ ୩ଗ୍ରାମ/ଲିଟର ପାଣିରେ ମିଶାଇ ଗଛ |

| | | | | |
|---|---|---|---|---|
| | | | | ମୁଳରେ ସ୍ପ୍ରେ କରନ୍ତୁ । |
| | ଫଳ (କଦଳୀ, ଅମୃତଭଣ୍ଡା) | ଅଙ୍ଗୀୟ ରୁ ଫଳ ଆସିବା ଅବସ୍ଥା | • କନ୍ଦପଚା ରୋଗ  • ମୂଳପଚା ରୋଗ  | • ଜମିରୁ ଅଧିକା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ । • ୧୦ ଗ୍ରା ପଟାସିୟମ ନାଇଟ୍ରେଟ ଓ ୨୦ ଗ୍ରା, ୟୁରିଆକୁ ଅଙ୍ଗିୟରୁ ଫୁଲ ଅବସ୍ଥାରେ ସିଞ୍ଚନ କରନ୍ତୁ । • ବର୍ଷାପରେ କଦଳୀରେ **କନ୍ଦପଚା ରୋଗ** ହେଲେ ଜମିରୁ ବଳକା ଜଳକୁ ନିଷ୍କାସନ କରନ୍ତୁ ଓ ଏହାର ନିରାକରଣ ପାଇଁ କପରଅକ୍ସିକ୍ଲୋରାଇଡ @ ୦୩ ଗ୍ରାମ ପ୍ରତି ଲି. ପାଣିରେ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । • ଅମୃତଭଣ୍ଡା ରେ ବର୍ଷା ପରେ **ମୂଳପଚା ରୋଗ** ଲାଗିଲେ ଏହାର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ ମେଟାଲାକ୍ସିଲ @ ୦୨ ଗ୍ରାମ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • **କଦଳୀରେ** ବର୍ତମାନ ବର୍ଷା ପାଗ ଯୋଗୁଁ **ଝାଉଁଳା ରୋଗ** ଦେଖାଗଲେ ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ ୨ଗ୍ରାମ କିମ୍ବା ପ୍ରପିକୋନାଜୋଲ ୦.୫ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ମାସକୁ ଥରେ ସିଞ୍ଚନ କରନ୍ତୁ । |
| | ଛତୁ (ପାଳ ଛତୁ) | ଭାଡି ପ୍ରସ୍ତୁତ / ମଞ୍ଜି ପକାଇବା / ଅମଳ ଅବସ୍ଥା | • ମଞ୍ଜି ନଷ୍ଟ • ନଡା ପଚିଯିବା • ଭାଡି ଭାଙ୍ଗିଯିବା | • ପାଳ ଛତୁ ମଞ୍ଜି ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ । • ଛତୁ ଭାଡିକୁ ଭଲଭାବେ ବାନ୍ଧି ରଖନ୍ତୁ ଯେପରିକି ଏହା ପବନ ଦ୍ଵାରା ପ୍ରଭାବିତ ହେବ ନାହିଁ । • ନଡାକୁ ବାହାରେ ଶୁଖାନ୍ତୁ ନାହିଁ । ଏହାକୁ ପଲିଥିନ ଦ୍ଵାରା ଘୋଡାଇ ରଖନ୍ତୁ । • ପାଳ ଛତୁ ପରିପକ୍ଵ ଅବସ୍ଥାରେ ଥିଲେ ଏହାକୁ ତୋଳି ଆଣି ସୁରକ୍ଷିତ ସ୍ଥାନରେ ରଖନ୍ତୁ । |
| | **ଗୃହପାଳିତ ପଶୁପକ୍ଷୀ** | | | • ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଗୁହାଳ ଓ ଫାର୍ମରେ ରଖନ୍ତୁ ଓ ଛାତକୁ ମଜବୁତ ରଖନ୍ତୁ । • ଗୃହପାଳିତ ପଶୁପକ୍ଷୀଙ୍କୁ ବର୍ଷାରେ ବାହାରକୁ ଛାଡନ୍ତୁ ନାହିଁ ଓ ୫-୬ଦିନ ପାଇଁ ଖାଦ୍ୟ ଓ ପାନୀୟଜଳ ମହଜୁଦ ରଖନ୍ତୁ । |